# Roles and Responsibilities of PP Members Under OIIPCRA



## କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ପାଣି ପଞ୍ଚାୟତ ସଦସ୍ୟଙ୍କର ଭୂମିକା ଓ ଦାୟିତ୍ୱ

(Role & Responsibility of Pani Panchayat Members)

ପାଣିପଞ୍ଚାୟତ – ସମନ୍ୱିତ ଜଳସେଚନ ଓ କୃଷିହିତରେ ସମର୍ପିତ

ଓଡ଼ିଶା ଜଳବାୟୁ ସହନଶୀଳ କୃଷି ନିମନ୍ତେ ସମନ୍ୱିତ ଜଳସେଚନ ପ୍ରକଳ୍ପ
ଓ
ପାଣି ପଞ୍ଚାୟତ ସହାୟତା ଏକକ
ସେଚାଞ୍ଚଳ ଉନ୍ନୟନ ଓ ସହଭାଗୀ ସେଚ ପରିଚାଳନା ନିର୍ଦ୍ଦେଶାଳୟ ଜଳସମ୍ପଦ ବିଭାଗ, ଓଡ଼ିଶା

- ଜଳଯୋଗାଣ ବ୍ୟବସ୍ଥାର ଉନ୍ନତି / ପରିବର୍ତ୍ତନ ସମ୍ବନ୍ଧରେ ପ୍ରସ୍ତାବ ଦେବା ।
- ଜଳର ଉପଲବ୍ଧତା, ବଣ୍ଟନ, କେନାଲ୍ ଓ ଆଉଟଲେଟ୍ ଗୁଡିକ ଖୋଲିବା/ ବନ୍ଦ କରିବା ଏବଂ ଜଳଯୋଗାଣର ଅବଧି ସମ୍ପର୍କିତ ସୂଚନା ହାସଲ କରିବା ।
- ସାଧାରଣ ନିକାୟ ବୈଠକରେ ଭାଗନେବା ଓ ବାର୍ଷିକ ରିପୋର୍ଟ ଗ୍ରହଣ କରିବା ।
- ଆବଣ୍ଟିତ ହୋଇଥିବା ପାଳି ବା ସମୟ ପୂରିଯିବା ପରେ ଜଳଯୋଗାଣ ପଥକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ।
- ଜଳ ସଂରକ୍ଷଣ କରି ଜଳସେଚନ ପଦ୍ଧତିକୁ ଉଚିତରୂପେ ବିନିଯୋଗ କରିବା ।
- ଜଳର ଅପବ୍ୟବହାର / ଅପଚୟ , ଧାର୍ଯ୍ୟ ସମୟସୀମାରୁ ଅଧିକ ଜଳର ବ୍ୟବହାର ଇତ୍ୟାଦିକୁ ରୋକିବା ।
- ପାଣି ପଞ୍ଚାୟତ ଦ୍ୱାରା ସ୍ଥିରୀକୃତ ହୋଇଥିବା କ୍ଷେତ୍ର ଟାନେଲ / କ୍ଷେତ୍ର ଡ୍ରେନ୍ ଗୁଡିକୁ ରକ୍ଷଣାବେକ୍ଷଣ କରିବା ଏବଂ ଆବଶ୍ୟକ ସ୍ଥଳେ ଉକ୍ତ ରକ୍ଷଣାବେକ୍ଷଣ ନିମନ୍ତେ ହେଉଥିବା ବ୍ୟୟ / ଶ୍ରମ ବହନ କରିବା ।
- ପାଣି ପଞ୍ଚାୟତ ଅନ୍ତର୍ଗତ ଚାଷୀମାନଙ୍କର ବଳକା କୃଷିଜାତ ଦ୍ରବ୍ୟ, ସମନ୍ୱିତ ବିକ୍ରିବଟା ଯୋଜନା ଦ୍ୱାରା କୃଷକ ଉତ୍ପାଦକ ସଂଗଠନ ମାଧ୍ୟମରେ ବିକ୍ରିବଟା କରିବା ।

## କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ପାଣି ପଞ୍ଚାୟତ ସଦସ୍ୟଙ୍କର ଭୂମିକା ଓ ଦାୟିତ୍ୱ



(Roles and responsibilities of Pani Panchayat Member under OIIPCRA)

ପାଣି ପଞ୍ଚାୟତ – ସମନ୍ୱିତ ଜଳସେଚନ ଓ କୃଷିହିତରେ ସମର୍ପିତ

ଓଡ଼ିଶା ଜଳବାୟୁ ସହନଶୀଳ କୃଷି ନିମନ୍ତେ ସମନ୍ୱିତ ଜଳସେଚନ ପ୍ରକଳ୍ପ
ଓ
ପାଣି ପଞ୍ଚାୟତ ସହାୟତା ଏକକ

ସେଚାଞ୍ଚଳ ଉନ୍ନୟନ ଓ ସହଭାଗୀ ସେଚ ପରିଚାଳନା ନିର୍ଦ୍ଦେଶାଳୟ
ଜଳସମ୍ପଦ ବିଭାଗ, ଓଡ଼ିଶା

### ପାଣି ପଞ୍ଚାୟତ କ'ଣ ?

- ପାଣି ପଞ୍ଚାୟତ କହିଲେ ବୃହତ, ମଧ୍ୟମ, କ୍ଷୁଦ୍ର, ଉଠା ଓ ବୃହତ୍ତ ଉଠା ଜଳସେଚନ ପ୍ରକଳ୍ପ ଅଧିନସ୍ଥ ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ଗଠିତ ଜଳବ୍ୟବହାରକାରୀ କୃଷକ ସଙ୍ଗଠନକୁ ବୁଝାଏ ।
- ପାଣି ପଞ୍ଚାୟତ ଗୁଡିକୁ ସଶକ୍ତ କରିବା ପାଇଁ ଏବଂ ପାଣି ପଞ୍ଚାୟତକୁ ଆଇନଗତ ସହାୟତା ଦେବାକୁ ଓଡ଼ିଶା ପାଣି ପଞ୍ଚାୟତ ଅଧିନିୟମ ଓ ଓଡ଼ିଶା ପାଣି ପଞ୍ଚାୟତ ନିୟମାବଳୀ ଯଥାକ୍ରମେ ୧୫.୧୧.୨୦୦୨ ଓ ୨୩.୦୪.୨୦୦୩ରେ କାର୍ଯ୍ୟକାରୀ ହେଲା ।
- ପାଣି ପଞ୍ଚାୟତର ସାଧାରଣ ନିକାୟ ଜଳ ବ୍ୟବହାରକାରୀ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଧିନସ୍ଥ ଜଳଭଣ୍ଡାର ଜଳରୁ ମତ୍ସ୍ୟ ଚାଷ କରୁଥିବା ମତ୍ସ୍ୟଜୀବୀ ମାନଙ୍କୁ ନେଇ ଗଠିତ ।



### ପାଣି ପଞ୍ଚାୟତ ସଦସ୍ୟଙ୍କର ଭୂମିକା

- ଜଳ ଯୋଗାଣ ବ୍ୟବସ୍ଥାର ଉନ୍ନତି/ ପରିବର୍ତ୍ତନ ସମ୍ବନ୍ଧରେ ପ୍ରସ୍ତାବ ଦେବେ।
- ଜଳର ଉପଲବ୍ଧତା, ବଣ୍ଟନ, କେନାଲ ଓ ଆଉଟଲେଟ ଗୁଡିକ ଖୋଲିବା/ ବନ୍ଦ କରିବା ଏବଂ ଜଳଯୋଗାଣର ଅବଧି ସମ୍ପର୍କିତ ସୂଚନା ହାସଲ କରିବେ।
- ଜଳର ଉପଲବ୍ଧତା, ମୃତ୍ତିକା କିସମ ଏବଂ ବଜାର ର ଚାହିଦା ମୁତାବକ ଚକସ୍ତରୀୟ ଏବଂ ପଣି ପଞ୍ଚୟାତ ସ୍ତରୀୟ ଖରିଫ ଏବଂ ରବି ଋତୁ ପାଇଁ ଫସଲ ଖସଡା ପ୍ରସ୍ତୁତ କରିବେ।
- ଫସଲ ଖସଡା ପସ୍ତୁତି ସମୟ ରେ ପାଣି ପଞ୍ଚାୟତ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବେ।
  - » ଉଚ୍ଚା ଢିପ ଜମି ରେ ଅଣଧାନ ଫସଲ ଚାଷ କରିବେ।
  - » ସ୍ୱଳ୍ପ ମିଆଦି ଏବଂ ଅଧିକ ଅମଳକ୍ଷମ କିସମ ର ଧାନ ବିହନ ବ୍ୟବହାର କରି ଜମିର ଉପଲବ୍ଧ ବତର କୁ ରବି ଋତୁ ରେ ପାଇଁ ଉପଲବ୍ଧ କରାଇବେ।
- ଚକ ସ୍ତରୀୟ ଓ ପାଣି ପଞ୍ଚାଯତ ସ୍ତରୀୟ ପ୍ରସ୍ତୁତ ଫସଲ ଖସଡାକୁ ପାଣି ପଞ୍ଚାଯତ ର ସାଧାରଣ ନିକାୟ ବୈଠକ ରେ ସମସ୍ତ ସଦସ୍ୟଙ୍କର ଉପସ୍ଥିତିରେ ଅନୁମୋଦନ କରିବେ।
- ଜଳ ବ୍ୟବହାର ନିମନ୍ତେ ଧାର୍ଯ୍ୟ କୋଟା ଅନୁସାରେ ଜଳ ପାଇବା ସୁନିଶ୍ଚିତ କରିବେ।



### ପାଣି ପଞ୍ଚାୟତ ସଦସ୍ୟଙ୍କର ଭୂମିକା

- ଫସଲର ଉତ୍ତମ ରକ୍ଷଣାବେକ୍ଷଣ କରି ଉପଯୁକ୍ତ ସମୟରେ ବିଭିନ୍ନ ପ୍ରକାର ର ଉନ୍ନତମାନର ବୈଜ୍ଞାନିକ ଜ୍ଞାନ କୌଶଳ ପ୍ରୟୋଗ କରି ଉତ୍ପାଦନ ଓ ଉତ୍ପାଦକତା ର ବୃଦ୍ଧି କରିବେ।
- ପାଣି ପଞ୍ଚାୟତ ର ସମସ୍ତ ସଦସ୍ୟଙ୍କୁ ନିକଟସ୍ଥ କୃଷକ ଉତ୍ପାଦକ ସଂଗଠନ ସହିତ ସଂଶ୍ଳିଷ୍ଟ କରିବେ।
- କୃଷକ ଉତ୍ପାଦକ ସଂଗଠନର ସହଭାଗିତାରେ ଉତ୍ପାଦିତ ଦ୍ରବ୍ୟ ର ଏକତ୍ରୀକରଣ କରି ବଜାର ସଂଯୋଗୀକରଣ କୁ ସୁନିଶ୍ଚିତ କରିବେ ଏବଂ ଉତ୍ତମ ମୂଲ୍ୟରେ ଦ୍ରବ୍ୟର ବିକ୍ରୟ କରିବେ।
- ଉତ୍ପାଦିତ ଦ୍ରବ୍ୟ କୁ ମଧ ଶୀତଳ ଭଣ୍ଡାରରେ ସଂରକ୍ଷଣ କରି କିମ୍ବା ମୂଲ୍ୟ ଯୁକ୍ତ କରି କିମ୍ବା ଦ୍ରବ୍ୟର ପ୍ରକ୍ରିୟା କରଣ କରି ଅଧିକ ମୂଲ୍ୟରେ ବିକ୍ରୟ କରି ଲାଭବାନ ହେବେ।
- ଅବ୍ୟବହୃତ କ୍ଷୁଦ୍ର ଜଳାଶୟ ଏବଂ ବ୍ୟକ୍ତିଗତ ଜଳାଶୟ ରେ ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟ ଚାଷ କରିବେ।



### ପାଣି ପଞ୍ଚାୟତ ସଦସ୍ୟଙ୍କର ଦାୟିତ୍ୱ

- ମାଇକ୍ରୋ ଲେଭେଲ୍ ପଦ୍ଧତି, ଅର୍ଥାତ କ୍ଷେତ୍ର ଚାନେଲ୍ ସଂରଚନା ଓ କ୍ଷେତ୍ର ଡ୍ରେନ୍ ଗୁଡିକର ରକ୍ଷଣାବେକ୍ଷଣ କରିବା ।
- ପ୍ରତ୍ୟେକ ଋତୁ ସକାଶେ କୃଷକ ସଙ୍ଗଠନ ଦ୍ୱାରା ପ୍ରଣୀତ ଜଳଯୋଗାଣ ଓ ନିୟମାବଳୀ ସମ୍ବନ୍ଧରେ ସଚେତନ ହେବା ।
- ଜଳଯୋଗାଣର ସମୟ ସୂଚୀପ୍ରତି ସମ୍ୟକ୍ ଦୃଷ୍ଟିଦେବା ।
- ଗୌଣ ବା କ୍ଷେତ୍ର ଚାନେଲରେ ଥିବା ସଂରଚନାଗୁଡିକୁ କ୍ଷତି ଘଟାଇ ବା ଅଦଳବଦଳ କରି ଜଳଯୋଗାଣ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ ନ କରିବା ।
- ଆବଣ୍ଟିତ ହୋଇଥିବା ପାଳି ବା ସମୟ ପୂରିଯିବା ପରେ ଜଳଯୋଗାଣ ପଥକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ।
- ଜଳ ସଂରକ୍ଷଣ କରି ଜଳସେଚନ ପଦ୍ଧତିକୁ ଉଚିତରୂପେ ବିନିଯୋଗ କରିବା ।
- ପାଳି ବା ଧାର୍ଯ୍ୟ ସମୟ ମଧ୍ୟରେ ଯଦି ଜଳ ଆବଶ୍ୟକ ହେଉନଥାଏ, ତେବେ ଅନ୍ୟ କୃଷକର ଜମିକୁ କ୍ଷତି ନ ଘଟାଇବା ପାଇଁ ଉକ୍ତ ଜଳର ଗତିପଥ ବଦଳାଇଦେବା ।
- ସମୁଚିତ ଜଳସେଚନ ପଦ୍ଧତି ଅନୁସରଣ କରିବା ।
- ଜମି ଓ ପାଣିକୁ ଯେପରି ସଠିକ ଭାବରେ ବିନିଯୋଗ କରାଯାଇ ପାରିବ ସେଥି ସକାଶେ ଜମିକୁ ଠିକଭାବେ ସମତୁଳ କରିବା ଏବଂ ଖାଲୁଆ ଜାଗାରେ ଯେପରି ପାଣି ଜମି ନ ରହେ ସେଥିପ୍ରତି ଦୃଷ୍ଟିଦେବା ।

- ନିୟମିତ ଭାବରେ ଏବଂ ଯଥା ସମୟରେ ଜଳସେଚନ ଫିସ୍, ଜଳକର ଓ ମରାମତି ବାବଦ ଦେୟ ଦାଖଲ କରିବା ।
- ଜଳର ଅପବ୍ୟବହାର / ଅପଚୟ, ଧାର୍ଯ୍ୟ ସମୟସୀମାରୁ ଅଧିକ ଜଳର ବ୍ୟବହାର ଇତ୍ୟାଦିକୁ ରୋକିବା ।
- ମନୁଷ୍ୟ ଓ ପଶୁପକ୍ଷୀଙ୍କ ଦ୍ୱାରା କ୍ଷେତ୍ର ଟାନେଲ୍ / କ୍ଷେତ୍ର ଡ୍ରେନ୍ ଇତ୍ୟାଦିକୁ ବିପର୍ଯ୍ୟସ୍ତ ନ କରିବା ।
- ପାଣି ପଞ୍ଚାୟତ ଦ୍ୱାରା ସ୍ଥିରୀକୃତ ହୋଇଥିବା କ୍ଷେତ୍ର ଟାନେଲ / କ୍ଷେତ୍ର ଡ୍ରେନ୍ ଗୁଡିକୁ ରକ୍ଷଣାବେକ୍ଷଣ କରିବା ଏବଂ ଆବଶ୍ୟକ ସ୍ଥଳେ ଉକ୍ତ ରକ୍ଷଣାବେକ୍ଷଣ ନିମନ୍ତେ ହେଉଥିବା ବ୍ୟୟ / ଶ୍ରମ ବହନ କରିବା ।
- ଜଳସେଚିତ କ୍ଷେତ୍ର, ଜଳସେଚିତ କ୍ଷେତ୍ରର ମାପ, କୂଅ / ଟ୍ୟୁବୱେଲ୍ / ବୋରିଂ ଇତ୍ୟାଦିରେ ଜଳସ୍ତର ଅନୁଧ୍ୟାନ କରିବା, ଉତ୍ପାଦନ କ୍ଷମତା ନିର୍ଦ୍ଧାରଣ କରିବା ସକାଶେ ଫସଲକଟା ପରୀକ୍ଷଣମାନ ଅନୁଧ୍ୟାନ କରିବା ସକାଶେ ବ୍ୟବହାରକାରୀମାନଙ୍କୁ ଅନୁମତି ଦେବା ।
- କୃଷକ ସଙ୍ଗଠନର ନିଷ୍ପତ୍ତିମାନ ମାନି ଚଳିବା ।
- ବ୍ୟବସ୍ଥାରେ ଥିବା ମୌଳିକ ଅଧିକାର ଓ ଅନ୍ୟାନ୍ୟ ପ୍ରଚଳିତ ଲୋକାଚାର ପ୍ରଥାଗୁଡିକୁ ମାନ୍ୟତା ଦେବା ।

